# NATIONAL NEWS BULLETIN (ODIA)

**4 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଲୋକସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କଲେ ବାଚସ୍ପତି

- ବିଶ୍ୱରେ ସହଯୋଗ ଦୃଢ଼ କରିବା କ୍ଷେତ୍ରରେ ବିମ୍‌ଷ୍ଟେକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ

- ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ତଥା ନିର୍ମାତା ମନୋଜ କୁମାରଙ୍କ ୮୭ ବର୍ଷ ବୟସରେ ପରଲୋକ

–ଶୋକ ପ୍ରକାଶ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ସଂସଦରେ ଭାରତ ଉପରେ ଆମେରିକା ଶୁଳ୍କ ବୃଦ୍ଧି ନେଇ ବିରୋଧୀ ଦଳଗୁଡ଼ିକର ବିକ୍ଷୋଭ ପ୍ରଦର୍ଶନ

ଏବଂ

- ଆଇପିଏଲ୍ କ୍ରିକେଟରେଆଜି ମୁହାଁମୁହିଁ ହେବେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ

---

## ପାର୍ଲାମେଣ୍ଟ ଆଡ୍‌ଜର୍ଣ୍ଣ

ଲୋକସଭାକୁ ଆଜି ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । ବାଚସ୍ପତି ଓମ୍ ବିର୍ଲା ତାଙ୍କ ସମାପନୀ ବକ୍ତବ୍ୟରେ କହିଛନ୍ତି

ଚଳିତବର୍ଷ ଜାନୁଆରୀ ୩୧ ତାରିଖରୁ ଆରମ୍ଭ ହୋଇଥିବା ବଜେଟ୍ ଅଧିବେଶନରେ ଲୋକସଭାରେ ୧୧୮ ପ୍ରତିଶତ କାର୍ଯ୍ୟଦକ୍ଷତା ରେକର୍ଡ କରାଯାଇଛି । ସେ କହିଛନ୍ତି, ଏହି ବଜେଟ୍ ଅଧିବେଶନ କାଳରେ ୧୬ଟି ବିଧେୟକ ଗୃହର ମଂଜୁରୀ ଲାଭ କରିଛି ।

**V/O**

**(Om Birla)**

ଆଜି ସକାଳେ ବିରୋଧୀ ଦଳ ଗୁଡ଼ିକ ପକ୍ଷରୁ ଭାରତ ଉପରେ ଆମେରିକାର ଶୁଳ୍କ ଲାଗୁ ନେଇ ହଟ୍ଟଗୋଳ ସୃଷ୍ଟି ହେବାରୁ ଗୃହକାର୍ଯ୍ୟକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା । ଦ୍ୱିତୀୟ ଥର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ, ଡିଏମ୍‌କେ ଏବଂ ଅନ୍ୟ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ସହ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ ସୃଷ୍ଟି କରିଥିଲେ । ଅନ୍ୟପକ୍ଷରେ ସୋନିଆ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଯେ ୱାକଫ ସଂଶୋଧନ ବିଧେୟକ ସମ୍ବିଧାନ ପ୍ରତି ଅପମାନ ପାଇଁ ଟ୍ରେଜରୀ ବେଞ୍ଚ୍ ସଦସ୍ୟମାନେ କ୍ଷମା ପ୍ରାର୍ଥନା ଦାବି କରିଥିଲେ ।

ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇନଥିଲେ ।

ଅନ୍ୟପକ୍ଷରେ ରାଜ୍ୟସଭାକୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ଅଧିବେଶନ ଆରମ୍ଭ ହେବା ମାତ୍ରେ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ପୁଣି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପଶ୍ଚିମବଙ୍ଗରେ ଶିକ୍ଷକ ଚୟନ ଘଟଣାକୁ ନେଇ ଟ୍ରେଜରୀ ବେଞ୍ଚ ସଭ୍ୟମାନେ ହଟ୍ଟଗୋଳ କରିଥିଲେ । ସେହି ସମୟରେ ବିଜେପି ସଦସ୍ୟ ଲକ୍ଷ୍ମୀକାନ୍ତ ବାଜପେୟୀ ପଶ୍ଚିମବଙ୍ଗରେ ୨୫ ହଜାର

ଶିକ୍ଷକଙ୍କୁ ବରଖାସ୍ତ କରିବା ସଂପର୍କିତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଦେଖାଇଥିଲେ । ସେ କହିଥିଲେ, ଶିକ୍ଷକମାନଙ୍କ ଚୟନ କ୍ଷେତ୍ରରେ ସଂରକ୍ଷଣ ନୀତି ଏବଂ ଅନ୍ୟାନ୍ୟ ନିୟମ ସଠିକ୍ ଭାବେ ଅନୁସରଣ କରାଯାଇ ନଥିଲା । ତୃଣମୂଳ କଂଗ୍ରେସ ସାଂସଦ ତାଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ । ତେବେ ଗୃହରେ ହଟ୍ଟଗୋଳ ଜାରି ରହିବାରୁ ଅଧ୍ୟକ୍ଷ ଜଗଦୀପ ଧନଖଡ଼ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ଆଜି ହେଉଛି ସଂସଦର ବଜେଟ୍ ଅଧିବେଶନର ଶେଷଦିନ ।

## ଅପୋଜିସନ୍ ପ୍ରୋଟେଷ୍ଟ୍

ସଂସଦରେ ଆମେରିକା ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ଶୁଳ୍କ ବୃଦ୍ଧିକୁ ନେଇ ବିରୋଧୀ ସାଂସଦମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କଂଗ୍ରେସ, ଡିଏମ୍‌କେ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକ ସଂସଦ ପରିସରରେ ଏହାକୁ ବିରୋଧ କରି ସ୍ଲୋଗାନ ଦେଇଥିଲେ । ଶୁଳ୍କ ବୃଦ୍ଧି ସଂପର୍କରେ ସରକାର ସଂସଦରେ ଜବାବ ରଖିବା ଲାଗି ସେମାନେ ଦାବି କରିଥିଲେ ।

ସଂସଦ ବାହାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ କଂଗ୍ରେସ ସାଂସଦ ଗୌରବ ଗୋଗେଇ କହିଥିଲେ, ଆମେରିକାର ଶୁଳ୍କ ବୃଦ୍ଧି ଭାରତର କୃଷିକ୍ଷେତ ଏବଂ କ୍ଷୁଦ୍ରଶିଳ୍ପଗୁଡ଼ିକୁ ପ୍ରଭାବିତ କରିବ । ସେ କହିଥିଲେ, ଭାରତର ଅର୍ଥନୀତି ବିପଦପୂର୍ଣ୍ଣ ସ୍ଥିତି ଦେଇ ଗତି କରୁଛି, କାରଣ ସରକାର ଶୁଳ୍କ ବୃଦ୍ଧି ଉପରେ ନିରବତା ଅବଲମ୍ବନ କରୁଛନ୍ତି ।

# ପିଏମ୍‌-ଥାଇଲ୍ୟାଣ୍ଡ

ବିଶ୍ୱର ବିକାଶ ଏବଂ ସହଯୋଗ ଦୃଢ଼ କରିବା କ୍ଷେତ୍ରରେ ବିମ୍‌ଷ୍ଟେକ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଥାଇଲ୍ୟାଣ୍ଡର ବ୍ୟାଙ୍କକ୍‌ଠାରେ ଆଜି ଚାଲିଥିବା ଷଷ୍ଠ ବିମ୍‌ଷ୍ଟେକ୍‌ ଶିଖର ସମ୍ମିଳନୀରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୨୧ସୂତ୍ରୀ କାର୍ଯ୍ୟ ଯୋଜନା ସଂପର୍କିତ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି । ଏହି ଯୋଜନାଗୁଡ଼ିକରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଛି । ବିମ୍‌ଷ୍ଟେକ୍‌ ସଦସ୍ୟ ଦେଶମାନଙ୍କ ମଧ୍ୟରେ ବ୍ୟବସାୟ ବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ସମୟ ଆସିଛି ବୋଲି ଶ୍ରୀ ମୋଦୀ କହିବା ସହ ବିମ୍‌ଷ୍ଟେକ୍‌ ଚାମ୍ବର ଅଫ୍‌ କମର୍ସ ଗଠନ ଲାଗି ପ୍ରସ୍ତାବ ଦେଇଛନ୍ତି । ଏହାଛଡ଼ା ସ୍ଥାନୀୟ ମୁଦ୍ରାରେ ଦେଶ ଦେଶ ମଧ୍ୟରେ ବାଣିଜ୍ୟ ବୃଦ୍ଧି ଲାଗି ବ୍ୟବସ୍ଥା କରିବା ଉପରେ ଅନୁଧ୍ୟାନ କରିବା ଲାଗି ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି ।

ଆଇଟି ସେକ୍ଟରର ଶକ୍ତି ବୃଦ୍ଧି ଦିଗରେ ବିମ୍‌ଷ୍ଟେକ୍‌ ସଦସ୍ୟ ଦେଶଗୁଡ଼ିକ ଅଧିକରୁ ଅଧିକ ପ୍ରଯୁକ୍ତିବିଦ୍ୟାରେ ଦୃଢ଼ ହେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । କିଛିଦିନ ପୂର୍ବରୁ ମ୍ୟାଁମାର ଏବଂ ଥାଇଲ୍ୟାଣ୍ଡରେ ଘଟିଥିବା ଭୂମିକମ୍ପକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସଦସ୍ୟ ଦେଶଗୁଡ଼ିକ ମିଳିମିଶି କାର୍ଯ୍ୟ କିରବା ଲାଗି ସେ ଆହ୍ୱାନ ଦେଇଚନ୍ତି । ସେ କହିଛନ୍ତି ଭାରତରେ ବିମ୍‌ଷ୍ଟେକ୍‌ର ବିପର୍ଯ୍ୟୟ ପରିଚାଳନା ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱରେ ଶାନ୍ତି ଏବଂ ସୁରକ୍ଷା କ୍ଷେତ୍ରରେ ଦୃଢ଼ ପଦକ୍ଷେପ ଗ୍ରହଣ

କରିବା ଲାଗି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ସେ କହିଛନ୍ତି ବିମଷ୍ଟେକ୍ ନୂଆ ରଣନୀତି ସ୍ଥିର କରିବା ଲାଗି ସାମର୍ଥ୍ୟ ରଖିଛି। ଏହି ଅବସରରେ **ବୋଧି** ପଦକ୍ଷେପ ଜରିଆରେ ପ୍ରତ୍ୟେକବର୍ଷ ବିମ୍‌ଷ୍ଟେକ୍ ସଦସ୍ୟ ଦେଶଗୁଡ଼ିକର ୩୦୦ ଯୁବା ଭାରତରେ ପ୍ରଶିକ୍ଷଣ ଲାଭ କରିବେ । ଶ୍ରୀ ମୋଦୀ କହିଛନ୍ତି, ଚଳିତବର୍ଷ ଭାରତରେ ବିମ୍‌ଷ୍ଟେକ୍ ପାରମ୍ପରିକ ସଂଗୀତ ମହୋତ୍ସବ ଆୟୋଜିତ ହେବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାଂଲାଦେଶର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଆଜି ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀ ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ୩ ଦିନିଆ ଶ୍ରୀଲଙ୍କା ଗସ୍ତରେ ଯିବେ । ସେଠାରେ ସେ ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

---

# ମନୋଜକୁମାର

ବଲିଉଡ୍‌ର ବର୍ଷିୟାନ୍ ଅଭିନେତା ମନୋଜ କୁମାରଙ୍କ ୮୭ବର୍ଷ ବୟସରେ ପରଲୋକ ହୋଇଛି । ମୁମ୍ବାଇର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଛି । ମନୋଜ କୁମାର ଭାରତ କୁମାର ନାମରେ ବେଶ୍ ଲୋକପ୍ରିୟ ଥିଲେ । ୧୯୯୨ ମସିହାରେ ପଦ୍ମଶ୍ରୀ ଏବଂ ଦାଦାସାହେବ ଫାଲକେ ସମ୍ମାନରେ ତାଙ୍କୁ ସମ୍ମାନିତ କରାଯାଇଥିଲା ।

ରୋଜି କପଡ଼ା ଅର୍ ମକାନ, ଆଦମୀ, ଉପକାର, ଅମାନତ ଆଦି ଚଳଚ୍ଚିତ୍ରରେ ସେ ନିଜର ନିଖୁଣ ଅଭିନୟ ଦ୍ୱାରା ଦର୍ଶକଙ୍କ ମନ ଜିଣିପାରିଥିଲେ । ଦେଶାତ୍ମବୋଧକ ଚଳଚ୍ଚିତ୍ର ଓ ସାଂସ୍କୃତିକ ମୂଲ୍ୟବୋଧଭିତ୍ତିକ ଚଳଚ୍ଚିତ୍ର ପାଇଁ ସେ ବେଶ୍ ପରିଚିତ ।

---

## ପ୍ରେଜ୍-ମନୋଜକୁମାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କିମ୍ବଦନ୍ତୀ ଅଭିନେତା ଓ ଚଳଚ୍ଚିତ୍ର ନିର୍ମାତା ମନୋଜ କୁମାରଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଭାରତୀୟ ସିନେମାରେ ମନୋଜକୁମାର ଅବିସ୍ମରଣୀୟ ଛାପ ଛାଡ଼ିଯାଇଛନ୍ତି ବୋଲି କହିଛନ୍ତି । ତାଙ୍କର ଦୀର୍ଘ ଚଳଚ୍ଚିତ୍ର କ୍ୟାରିୟରରେ ସେ ଭାରତର ମୂଲ୍ୟବୋଧକୁ ସୁନ୍ଦର ଭାବରେ ପ୍ରଦର୍ଶନ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଆଗାମୀ ପିଢ଼ି ତାଙ୍କ କାର୍ଯ୍ୟଶୈଳୀ ଏବଂ ଚଳଚ୍ଚିତ୍ରର ପ୍ରେରଣା ପାଇବ । ଶ୍ରୀମତୀ ମୁର୍ମୁ' ମନୋଜ କୁମାରଙ୍କ ପରିବାରବର୍ଗ ଏବଂ ପ୍ରଶଂସକଙ୍କୁ ସମବେଦନା ଜଣାଇଛନ୍ତି ।

---

## ଭିପି କଣ୍ଡୋଲେନ୍ସ

ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରାପ୍ତ କିମ୍ବଦନ୍ତୀ ଅଭିନେତା ମନୋଜକୁମାରଙ୍କ ଦେହାନ୍ତରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ମନୋଜକୁମାର ତାଙ୍କ ଚଳଚ୍ଚିତ୍ରରେ ଦେଶାତ୍ମବୋଧକ ଭାବନା ଏବଂ ଭାରତର ସାଂସ୍କୃତିକ ମୂଲ୍ୟବୋଧକୁ ନିଖୁଣ ଭାବରେ ଦର୍ଶାଇଛନ୍ତି । ପରବର୍ତ୍ତୀ ପିଢ଼ିକୁ ଏହା ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି ।

---

## ପିଏମ୍-ମନୋଜକୁମାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଖ୍ୟାତ ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ମନୋଜକୁମାରଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ' ମନୋଜକୁମାରଙ୍କୁ

ଭାରତୀୟ ସିନେମାର କର୍ଣ୍ଣଧାର ବୋଲି ବର୍ଣ୍ଣନା କରିବା ସହ କହିଛନ୍ତି ତାଙ୍କ ଚଳଚ୍ଚିତ୍ର ଗୁଡ଼ିକରେ ଦେଶପ୍ରେମର ଭାବନା ବାରି ହୋଇପଡୁଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି କିମ୍ବଦନ୍ତୀ କଳାକାର ଓ ନିର୍ମାତାଙ୍କ ଚଳଚ୍ଚିତ୍ରଗୁଡ଼ିକ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ। ଶ୍ରୀ ମୋଦୀ’ ମନୋଜକୁମାରଙ୍କ ପରିବାର ଓ ପ୍ରଶଂସକମାନଙ୍କୁ  ଗଭୀର ସମବେଦନା ଜଣାଇଛନ୍ତି ।

# ରାଜନାଥ-ମନୋଜ କୁମାର

ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ମନୋଜକୁମାରଙ୍କ ପରଲୋକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ କହିଛନ୍ତି, ମନୋଜକୁମାର କଳାତ୍ମକ କାର୍ଯ୍ୟ ମାଧ୍ୟମରେ ଅମର ରହିବେ । ତାଙ୍କ ଚଳଚ୍ଚିତ୍ର ଗୁଡ଼ିକରେ ଦେଶପ୍ରେମର ପ୍ରତିଫଳନ ଦେଖିବାକୁ ମିଳିଥାଏ ବୋଲି ଶ୍ରୀ ସିଂ କହିଛନ୍ତି । ‘ଉପକାର’ ଏବଂ ‘ପୂରବ ଔର ପଶ୍ଚିମ’ ଚଳଚ୍ଚିତ୍ରରେ ଭାରତୀୟ ସଂସ୍କୃତିର ପ୍ରଦର୍ଶନ ଯୁଗଯୁଗ ପାଇଁ ଅମର ହୋଇ ରହିବ ବୋଲି ସେ କହିଚନ୍ତି ।

# ବିଜେପି-ଡବ୍ଲୁବି ଟିଚର୍ସ ସ୍କାମ

ପଶ୍ଚିମବଙ୍ଗରେ ୨୫ ହଜାର ସ୍କୁଲ ଶିକ୍ଷକଙ୍କ ନିଯୁକ୍ତିକୁ ଅବୈଧ ଦର୍ଶାଇ ସୁପ୍ରିମକୋର୍ଟ ବାତିଲ କରିଥିବାରୁ ଆଜି ବିଜେପି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କଡ଼ା ସମାଲୋଚନା କରିଛି । ନୂଆଦିଲ୍ଲୀରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଦଳର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ପଶ୍ଚିମବଙ୍ଗରେ ଶିକ୍ଷକମାନଙ୍କ ନିଯୁକ୍ତିରେ ଅନିୟମିତତା ହୋଇଛି । ସେ ଅଭିଯୋଗ କରିଛନ୍ତି, ପଶ୍ଚିମବଙ୍ଗରେ ଦୁର୍ନୀତିର ମାତ୍ରା

ଏତେ ପରିମାଣରେ ବୃଦ୍ଧି ପାଇଛି ଯେ ଲୋକମାନେ ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି । ସେ କହିଛନ୍ତି, ପଶ୍ଚିମବଙ୍ଗରେ ଚାକିରି ପାଇଁ ଲାଞ୍ଚ କାରବାର ବହୁ ପରିମାଣରେ ବୃଦ୍ଧି ପାଇଛି ।

**V/O**

**(Sambit Patra)**

---

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମୁକାବିଲା ହେବ ।

ଗତ ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍ ୮୦ରନ୍‌ରେ ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍‌କୁ ପରାସ୍ତ କରିଛି । କୋଲକାତାର ଇଡେନ୍ ଗାର୍ଡେନ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଟସ୍ ଜିତି ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ୍‌ରାଇଡର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୨୦୦ରନ୍ ସ୍କୋର କରିଥିଲା ।

ଏହାର ଜବାବରେ ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ୧୬ ଓଭର ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୨୦ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । କୋଲକାତାର ଭୈରବ ଅରୋରା ୩ଟି ୱିକେଟ୍ ନେଇଥିବା ବେଳେ ଭେଙ୍କଟେସ୍ ଆୟର୍ ସର୍ବାଧିକ ୬୦ରନ୍ ସ୍କୋର କରିଥିଲେ ।